**ଗ୍ରାମୀଣ କୃଷି ମୌସମ ସେବା**
**ଭାରତୀୟ ପାଣିପାଗ ବିଭାଗ**
**ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**
**ମହିଷାପାଟ,ଢେଙ୍କାନାଳ – ୭୫୯୦୧୩**



**Deepanjali Dugal,**
**Jr. Agrometeorologist**


**ସପ୍ତାହ ସଂଖ୍ୟା -୨୩**

**ବୁଲେଟିନ ନମ୍ବର :୪୬**
**ତାରିଖ : ୧୦.୦୬.୨୦୨୫**
**(ମଙ୍ଗଳବାର)**

## ଢେଙ୍କାନାଳ ଜିଲ୍ଲା (ମଧ୍ୟ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୪.୦୬.୨୦୨୫ ରୁ ୧୦.୦୬.୨୦୨୫)

| | |
|---|---|
| **ବୃଷ୍ଟିପାତ (ମି.ମି.)** | **୧୨.୫** |
| **ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ)** | **୩୪.୮-୩୮.୫** |
| **ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ)** | **୨୩.୯-୨୮.୦** |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୫.୦୬.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 11-06-2025 | 10 | 37 | 24 | 5 | 78 | 46 | 5 | 82 |
| 12-06-2025 | 6 | 35 | 24 | 5 | 80 | 48 | 6 | 117 |
| 13-06-2025 | 5 | 34 | 25 | 5 | 81 | 47 | 7 | 126 |
| 14-06-2025 | 5 | 34 | 25 | 5 | 82 | 46 | 7 | 151 |
| 15-06-2025 | 3 | 36 | 24 | 4 | 82 | 47 | 6 | 164 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୫-୦୭ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୪-୩୭ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୪-୨୫ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୮ ରୁ ୮୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୪୬-୪୮ ପ୍ରତିଶତ ମଧ୍ୟରେ ରହିବ ।

**ଆଗାମୀ ୨ ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**

**ପ୍ରଥମ ସପ୍ତାହ: (୬ଜୁନ ରୁ ୧୨ଜୁନ ୨୦୨୫)**

ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଉପକୂଳ ବର୍ତୀ ଜିଲ୍ଲା, ତଥା ସଲଗ୍ନ ଜିଲ୍ଲା ମାନଙ୍କରେ ସର୍ବାଧିକ ତାପମାତ୍ରା ୩୪-୩୮ ଡି.ସେ. ମଧ୍ୟରେ ରହିବ ଓ ପଶ୍ଚିମ ଆଭ୍ୟନ୍ତରୀଣ ଜିଲ୍ଲା ମାନଙ୍କରେ ୩୮-୪୦ ଡି.ସେ. ମଧ୍ୟରେ ରହିବ ।

**ଦ୍ୱିତୀୟ ସପ୍ତାହ: (୧୩ଜୁନ ରୁ ୧୯ଜୁନ ୨୦୨୫)**

ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଉତ୍ତର ଉପକୂଳବର୍ତୀ ଜିଲ୍ଲା, ତଥା ସଲଗ୍ନ ଜିଲ୍ଲା ମାନଙ୍କରେ ସର୍ବାଧିକ ତାପମାତ୍ରା ୩୨-୩୪ ଡି.ସେ. ମଧ୍ୟରେ ରହିବ, ଆଭ୍ୟନ୍ତରୀଣ ଜିଲ୍ଲା ମାନଙ୍କରେ ୩୪-୩୬ ଡି.ସେ. ମଧ୍ୟରେ ଓ ପଶ୍ଚିମ ଜିଲ୍ଲା ମାନଙ୍କରେ ୩୬-୩୮ ଡି.ସେ. ମଧ୍ୟରେ ରହିବ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ବର୍ତମାନ ଖରିଫ ଫସଲ ଯଥା- ଧାନ, ମକା, ମାଣ୍ଡିଆ, ହରଡ, ରାଶି ଆଦି ବୁଣାବୁଣି ପାଇଁ ଜମି ପ୍ରସ୍ତୁତ କରନ୍ତୁ ।
- ବର୍ଷା ଦିନିଆ ପନିପରିବା ଯଥା-ଭେଣ୍ଡି, ବାଇଗଣ, ଲଙ୍କା ପାଇଁ ଜମି ପ୍ରସ୍ତୁତି ସହିତ ପ୍ରାମାଣିକ ମଞ୍ଜି ସଂଗ୍ରହ କରନ୍ତୁ ।
- ଆଗକୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| **ଖରିଫ ଧାନ** | ବୁଣିବା ପୂର୍ବ ଅବସ୍ଥା | • ଚାଷୀ ଭାଇ ମାନେ ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ ।<br>• ଘରେ ସାଇତି ରଖିଥିବା ବିହନ ବ୍ୟବହାର କରିଥିଲେ ଗଜା ପରୀକ୍ଷା କରାଇ ଦିଅନ୍ତୁ ।<br>• ବିହନ ଚୟନ-<br>• ଉଚ୍ଚ ଜମି (୧୦୦-୧୨୦ ଦିନିଆ): ଖଣ୍ଡଗିରୀ, ସହଭାଗୀ ଧାନ, ମନ୍ଦାକିନୀ, ନବୀନ, ବୀଣା-୧୧, ସତ୍ୟଭାମା, ସ୍ୱର୍ଣ ଶ୍ରେୟା ଇତ୍ୟାଦି।<br>• ମଝିଆଳି ଜମି (୧୨୦-୧୪୦ ଦିନିଆ): ଲଲାଟ, ଉନ୍ନତ ଲଲାଟ, ମନସ୍ୱିନୀ, ଏମଟିୟୁ-୧୦୦୧, ସମ୍ପଦ, ଗୀତାଞ୍ଜଳି ଇତ୍ୟାଦି। |

| | | |
|---|---|---|
| | | • ଖାଲ ଜମି (୧୪୦ ଦିନ ରୁ ଅଧିକ ଦିନିଆ): ପ୍ରତୀକ୍ଷା, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ-୧, ଏମଟିୟୁ-୧୦୭୫, ମୃଣାଳିନୀ, ହଷନ୍ତ, ରାଣୀ ଧାନ, ପୂଜା, ସାରଳା, ଦୁର୍ଗା ଓ ପ୍ରଧାନ ଧାନ ଇତ୍ୟାଦି। |
| **ମକା** | ବୁଣିବା ଅବସ୍ଥା | • ବର୍ତମାନ ମକା ବୁଣିବା ପାଇଁ ଉପଯୁକ୍ତ ସମୟ । ଏକ ଏକର ମକା ଚାଷ ପାଇଁ ୬-୭ କିଲୋଗ୍ରାମ ବିହନ ଦରକାର ପଡିଥାଏ।<br>• ଫଲ୍ ଆର୍ମି ୱାର୍ମନାମକ କୀଟର ପରିଚାଳନା ପାଇଁ ବିହନକୁବୁଣିବା ଆଗରୁଏକ କେଜିବିହନରେ୪-ମିଲି**Cyantraniliprole** ୧୯.୮ **%+ Thiamethoxam**୧୯.୮ **% FS** କୀଟନାଶକରେ ମିଶାଇ ବିହନ ବିଶୋଧନ କରନ୍ତୁ । |
| **ହରଡ** | ବୁଣିବା ଅବସ୍ଥା | • ହରଡ ବିହନକୁ ଧାଡିକୁ ଧାଡି ୬୦ସେ.ମି. ଏବଂ ଗଛକୁ ଗଛ୨୦ ସେ.ମି. ଦୂରତାରେ ୩-୫ ସେମି ଗଭୀରରେ ଲଗାନ୍ତୁ । ମୂଳ ସାର ହିସାବରେ ଏକର ପ୍ରତି ୫୨କିଲୋଗ୍ରାମ ଡ଼ିଏପି, ୬କିଲୋଗ୍ରାମ ୟୁରିଆ ଏବଂ ୧୪କିଲୋଗ୍ରାମ ପୋଟାସ ସାର ପ୍ରୟୋଗ କରନ୍ତୁ। |
| **ସୂର୍ଯମୁଖୀ** | ବୁଣିବାପୂର୍ବ ଅବସ୍ଥା | • ଖରିଫ ଋତୁରେ ଜୁନ ମାସ ୧୫ରୁ ଜୁଲାଇ ୧୫ ପର୍ଯ୍ୟନ୍ତ ସୂର୍ଯମୁଖୀ ବୁଣିବା ପାଇଁ ଉପଯୁକ୍ତ ସମୟ।<br>• ସୂର୍ଯମୁଖୀର କେତୋଟି ଉନ୍ନତ କିସମ ଗୁଡିକ ହେଲା ମଡର୍ନ(୭୫-୮୦ ଦିନ) , E.C. ୬୮୪୧୪ (୧୦୦-୧୧୦ ଦିନ) , E.C. ୬୮୪୧୫(୧୦୦-୧୧୦ ଦିନ) । ୧୦୦ଦିନ ଭିତରେ ଅମଳ ହେଉଥିବା ସଙ୍କର କିସମ ଗୁଡିକମହଲା BSH-1 , KBSH-1, JWALAMUKHI, PSC-36, PSC-1091, MLSFH-17, KBSH-44, DRSH 1 (95-105 ଦିନ)ଇତ୍ୟାଦି । |
| **ରାଶି** | ବୁଣିବା ପୂର୍ବ ଅବସ୍ଥା | • ଜୁନ ମଧ ଭାଗରୁ ଜୁଲାଇ ମଧ ଭାଗ ଖରିଫ ରାଶି ବୁଣିବାର ଉପଯୁକ୍ତ ସମୟ । ଆମ ଜଳବାୟୁ ପାଇଁ ଉନ୍ନତ କିସମ ଗୁଡିକ ହେଲା ସ୍ମାରକ, ଉମା, ଉଷା, ପ୍ରାଚୀ, ନିର୍ମଳା, ବିନାୟକ, କନକ, କଳିକା ଇତ୍ୟାଦି ।<br>• ଖରିଫ ଚାଷ ପାଇଁ ଏକର ପ୍ରତି ୩-୪ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ । |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**